ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ, ଏ.ଏମ.ଏଫ.ୟୁ. - ମାଲକାନଗିରି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
*କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରି,*
*ମୁଣ୍ଡାଗୁଡ଼ା, ପୋ.+ଜିଲ୍ଲା – ମାଲକାନଗିରି, ଓଡ଼ିଶା- ୭୬୪୦୪୫*

ସପ୍ତାହ କ୍ର.ସଂ.- ୨୩    **ପାଣିପାଗ ଜନିତ କୃଷି ଉପଦେଶ**    ତାରିଖ – ୦୪.୦୬.୨୦୧୯

ଜିଲ୍ଲା- ମାଲକାନଗିରି (ସାଉଥ ଇଷ୍ଟର୍ନ ଘାଟ ଜୋନ)

| ଗତ ଚାରି ଦିନର ପାଣିପାଗ ଅବସ୍ଥା | | | | |
|---|---|---|---|---|
| ତାରିଖ | ୩୧.୦୫.୨୦୧୯ | ୦୧.୦୬.୨୦୧୯ | ୦୨.୦୬.୨୦୧୯ | ୦୩.୦୬.୨୦୧୯ |
| ବୃଷ୍ଟିପାତ (ମି.ମି.) | ୦ | ୦ | ୦ | ୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୯ | ୪୦ | ୪୦ | ୪୨ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୩ | ୨୩ | ୨୪ | ୨୪ |

**ଆସନ୍ତା ପାଞ୍ଚ ଦିନର (୦୫.୦୬.୨୦୧୯ ଠାରୁ ୦୯.୦୬.୨୦୧୯) ପାଣିପାଗର ପୂର୍ବାନୁମାନ**
**(ଏମ.ସି., ଆଇ.ଏମ.ଡି., ଭୁବନେଶ୍ବର ଅନୁଯାୟୀ)**

ଆସନ୍ତା ପାଞ୍ଚ ଦିନ ମଧରେ ସ୍ୱଳ୍ପ ରୁ ମଧମ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ମୁଖ୍ୟତ ମେଘୁଆ ରୁ ସମ୍ପୂର୍ଣ ମେଘୁଆ ରହିବାର ସମ୍ଭାବନା ଅଛି । ଆସନ୍ତା ପାଞ୍ଚ ଦିନ ମଧରେ ଦିନର ସର୍ବାଧିକ ତାପମାତ୍ରା ୩୮ ରୁ ୩୯ ଡିଗ୍ରୀ ସେ. ଏବଂ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୪ ଡିଗ୍ରୀ ସେ. ରହିବାର ସମ୍ଭାବନା ଅଛି । ସର୍ବାଧିକ ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ଶତକଡ଼ା ୭୨ ରୁ ୭୯ ଭାଗ ଏବଂ ୨୭ ରୁ ୩୪ ଭାଗ ରହିବାର ସମ୍ଭାବନା ଅଛି ।

| ତାରିଖ | ୦୫.୦୬.୨୦୧୯ | ୦୬.୦୬.୨୦୧୯ | ୦୭.୦୬.୨୦୧୯ | ୦୮.୦୬.୨୦୧୯ | ୦୯.୦୬.୨୦୧୯ |
|---|---|---|---|---|---|
| ବୃଷ୍ଟିପାତ (ମି.ମି.) | ୫ | ୩ | ୧୫ | ୧୨ | ୨୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ୩୮ | ୩୮ | ୩୯ | ୩୮ | ୩୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ୨୩ | ୨୪ | ୨୪ | ୨୩ | ୨୪ |
| ମେଘାଛନ୍ନ | ୮ | ୬ | ୬ | ୮ | ୮ |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ୭୪ | ୭୨ | ୭୯ | ୭୭ | ୭୨ |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ୨୭ | ୨୯ | ୩୪ | ୨୯ | ୩୦ |
| ପବନର ବେଗ (କି.ମି./ଘଣ୍ଟା) | ୪ | ୭ | ୬ | ୬ | ୮ |
| ପବନର ଦିଗ (ଡିଗ୍ରୀ) | ୨୧୧ | ୨୦୫ | ୧୮୦ | ୧୮୫ | ୧୮୭ |

## କୃଷି ଉପଦେଶ

ସାଧାରଣ:

- ଆସନ୍ତା ପାଞ୍ଚ ଦିନ ମଧରେ ଜିଲ୍ଲାରେ ସ୍ୱଳ୍ପ ରୁ ମଧମ ମାତ୍ରାରେ ବର୍ଷା ହେବାର ସମ୍ଭାବନା ଅଛି ଏବଂ ଆକାଶ ମେଘୁଆ ରହିବ, ସେଥିପାଇଁ ଧାନ ଏବଂ ଅନ୍ୟ ଫସଲ ପାଚିୟାଇଥିଲେ ଯଥା ଶୀଘ୍ର ଅମଳ କରନ୍ତୁ । ଅମଲ ହୋଇୟାଇଥିବା ଫସଲ ଜମିରେ ରଖନ୍ତୁ ନାହିଁ ।
- କେବଲ ପରିଷ୍କାର ପାଗ ଦେଖିକି ଫସଲ ସୁରକ୍ଷା ପାଇଁ ଔଷଧ ସିଞ୍ଚନ କରନ୍ତୁ ଏବଂ କୀଟନାଶକ ଔଷଧରେ ଅଠା (ସ୍ଟିକର) ମିଶାଇ ପ୍ରୟୋଗ କରନ୍ତୁ ।
- ଖରାଟିଆ ଚାଷ କରନ୍ତୁ । ଏହା କରିବା ଦ୍ୱାରା ଜମିରୁ ବିଭିନ୍ନ ପ୍ରକାରର ମାଟି ଭିତରେ ରହିଥିବା କ୍ଷତିକାରକ ପୋକ ଓ ପୋକର ଅଣ୍ଡା ଏବଂ ଘାସ ମଞ୍ଜି ନଷ୍ଟ ହୋଇଯାଆନ୍ତି ।

ଖରିଫ ଧାନ:

- ମାଟିର ଆଦ୍ରତାକୁ ବ୍ୟବହାର କରି ଖରିଫ ଧାନ ରୋଇବାର ପୂର୍ବରୁ ସବୁଜ ସାର ପାଇଁ ଧଣିଚା ଏକର ପ୍ରତି ୧୨ କି.ଗ୍ରା. ହିସାବରେ ବୁଣାବୁଣି କରନ୍ତୁ  ଯେମିତିକି ଧାନ ରୋଇବାର ୧୦ ରୁ ୧୫ ଦିନ ପୂର୍ବରୁ ଧଣିଚା ୩ ରୁ ୪ ସପ୍ତାହର ହୋଇଥିବ । ବୁଣିବା ସମୟରେ ଧାନ ଫସଲ ପାଇଁ ଆବଶ୍ୟକ ସମସ୍ତ ଫସଫରାସ ସାର ଧଣିଚାରେ ପ୍ରୟୋଗ କରନ୍ତୁ ।
- ପ୍ରାକ୍ ମୌସୁମୀ ବର୍ଷାକୁ ବ୍ୟବହାର କରି ଖରିଫ ଧାନ ପାଇଁ ତଳିଘେରା ପ୍ରସ୍ତୁତ ଆରମ୍ଭ କରନ୍ତୁ । ଢିପ ଜମି ପାଇଁ ଧାନ ବିହନ ସହଭାଗୀ ଧାନ, ଖଣ୍ଡଗିରୀ, ମନ୍ଦାକିନୀ, ଜ୍ୟୋତିମୋଯୀ ଇତ୍ୟାଦି, ମଝିଆଲି ଜମି ପାଇଁ ମନସ୍ୱିନି, ହିରନମଯୀ, ପ୍ରତିଭା, MTU-୧୦୦୧, ଲଲାଟ ଇତ୍ୟାଦି, ଖଲୁଆ ଜମିରେ ରାନିଧାନ, ପୂଜା, ପ୍ରତିକ୍ଷ୍ୟା, MTU-୭୦୨୯ ଇତ୍ୟାଦି ସଂଗ୍ରହ କରନ୍ତୁ । ଉପଯୁକ୍ତ ସଂକର କିସମ ଅଜଯ ।

ପନିପରିବା ଫସଲ:

- ଆସନ୍ତା ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ହେତୁ ପନିପରିବା ଫସଲ ଜମିରେ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ରଖନ୍ତୁ ।

ମକା:

- ବର୍ତ୍ତମାନ ପାଗ  ମକା ବୁନିବା ପାଇଁ ଉପଯୁକ୍ତ । ମକା ବିହନ ଏକର ପ୍ରତି ୧୫ କି.ଗ୍ରା. ହିସାବରେ ଧାଡିକୁ ଧାଡି ୬୦ ସେ.ମି. ଏବଂ ଗଛକୁ ଗଛ ୨୦ ରୁ ୨୫ ସେ.ମି ବ୍ୟବଧାନରେ ବୁଣିବା କାମ ପୂରା କରନ୍ତୁ ।  ଲଗାଇବାବେଳେ ଏକର ପିଛା ୩୫ କି.ଗ୍ରା ଡି.ଏ.ପି., ୪ କି.ଗ୍ରା ୟୁରିଆ ଓ ୨୭ କି.ଗ୍ରା ପଟାସ (ଏମ୍.ଓ.ପି.)  ସାର ଧାଡିରେ ପ୍ରୟୋଗ କରନ୍ତୁ ।

ବିଶେଷ ଦ୍ରଷ୍ଟବ୍ୟ: ଆବଶ୍ୟକ ସହାୟତା ଏବଂ ସୂଚନା ପାଇଁ ନିକଟବର୍ତ୍ତୀ କେ.ଭି.କେ ବୈଜ୍ଞାନିକ ଓ ରାଜ୍ୟର କୃଷି ଅଫିସରର ସହିତ ସମ୍ପର୍କ କରନ୍ତୁ।

---

ନୋଡାଲ ଅଫିସର

ଜି.କେ.ଏମ.ଏସ. ମାଲକାନଗିରି